# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 August – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ହସ୍ତତନ୍ତ ଜୀବିକାର ମାଧ୍ୟମ ହେବା ସହ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ଉପକରଣ; କହିଲେ, ରାଷ୍ଟ୍ରପତି

— ‘ଜାତୀୟ ହସ୍ତତନ୍ତ ଦିବସ’ ଅବସରରେ ଓଡ଼ିଶାର ଦୁଇଜଣଙ୍କ ସମେତ ୨୨ଜଣଙ୍କୁ କଲେ ସମ୍ମାନିତ

- ଖାଦ୍ୟ ପ୍ରକ୍ରିୟାକରଣର କେନ୍ଦ୍ରସ୍ଥଳି ହେବ ରାଜ୍ୟ; ନୂଆଦିଲ୍ଲୀରେ ‘ଓଡ଼ିଶା ଫୁଡ୍ ପ୍ରୋ. ସମ୍ମିଳନୀ’ରେ ଯୋଗ ଦେଇ କହିଲେ ମୁଖ୍ୟମନ୍ତ୍ରୀ

- ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ବୈଠକରେ ନବସୃଜନଶୀଳ ଏବଂ ନିରନ୍ତର ବିକାଶ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଗଠନ ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱ

ଏବଂ

- ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ପ୍ରବଳ ରୁ ଅତିପ୍ରବଳ ବର୍ଷା ସମ୍ଭାବନା

## ହସ୍ତତନ୍ତ ଦିବସ

ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ 'ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ' ପାଳନ ଅବସରରେ ଯୋଗଦେଇ କହିଛନ୍ତି, ହସ୍ତତନ୍ତ କେବଳ ଲୋକଙ୍କ ଜୀବିକାର ମାଧ୍ୟମ ନୁହେଁ; ବରଂ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ଉପକରଣ। ଭାରତର ସଂସ୍କୃତି ଏବଂ ସଭ୍ୟତାର ଯାତ୍ରାରେ ହସ୍ତତନ୍ତ ଏକ ପ୍ରମୁଖ ଅଂଶ ହୋଇଆସିଛି। ହସ୍ତତନ୍ତ ମାଧ୍ୟମରେ ଦେଶର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହନ ଦେବା ସହ ନିଯୁକ୍ତି, ମହିଳା ସଶକ୍ତୀକରଣ, କଳା-ସଂସ୍କୃତି ଏବଂ ପ୍ରକୃତି ପ୍ରତି ପ୍ରେମର ପ୍ରଚାର ପ୍ରସାର ହୋଇପାରିଛି।  ରାଷ୍ଟ୍ରପତି କହିଛନ୍ତି, ହସ୍ତତନ୍ତ ଶିଳ୍ପ ଆପଣେଇବା ଦ୍ୱାରା ଦେଶରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ରୋଜଗାରକ୍ଷମ ହୋଇପାରିଛନ୍ତି। ସେଥିମଧ୍ୟରୁ କେବଳ ୨୫ ଲକ୍ଷ ହେଉଛନ୍ତି ମହିଳା। ଭାରତର ସ୍ୱାଧୀନତା ସଂଗ୍ରାମରେ ତଥା ଆତ୍ମନିର୍ଭରଶୀଳ ଭାରତ ଗଠନରେ ମଧ୍ୟ ହସ୍ତତନ୍ତର ପ୍ରମୁଖ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -**

ରାଷ୍ଟ୍ରପତି ଆଜି ୨୦୨୫ ବର୍ଷ ପାଇଁ ୩ ଜଣଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ୧୯ ଜଣଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ

କରିଛନ୍ତି। ଏହି ସମ୍ମାନ ବୁଣାକାରମାନଙ୍କୁ ତାଙ୍କ ନବସୃଜନ ଏବଂ ହସ୍ତତନ୍ତ ପରମ୍ପରାର ସମୃଦ୍ଧି କ୍ଷେତ୍ରରେ ଅବଦାନକୁ ସ୍ୱିକୃତି ଦେବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଏହି ଅବସରରେ ୪ଟି ଡାକ ଟିକଟର ମଧ୍ୟ ଉନ୍ମୋଚନ କରିଛନ୍ତି।

ଓଡ଼ିଶାର ୨ ଜଣ ବୁଣାକାର ଆଜି ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ଗ୍ରହଣ କରିଛନ୍ତି। ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଲାଗି ବରଗଡ଼ ଜିଲ୍ଲା ଅତାବିରା ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମର ରାମ ମେହେର ଏବଂ ଜଗତ୍‌ସିଂହପୁର ଜିଲ୍ଲା ସିଙ୍ଗିପୁର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ କରିବା ପରେ ପ୍ରଫୁଲ୍ଲ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି....

**- V/O -**

ଜାତୀୟ ହସ୍ତତନ୍ତ ଦିବସ ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ସମସ୍ତ ନାଗରିକଙ୍କୁ ଉତ୍ସାହର ସହିତ ଏହି ଦିବସ ପାଳନ ଲାଗି ଆହ୍ୱାନ ଦେଇଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ୧୯୦୫ ମସିହା ଆଜିର ଦିନରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱଦେଶୀ ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା ।

ସମାଜର ପ୍ରତ୍ୟେକ ବର୍ଗର ଲୋକ ମିଳିତ ଭାବରେ ବ୍ରିଟିଶ ଶାସନ ବିପକ୍ଷରେ ଲଢେଇ ଲଢ଼ିଥିଲେ। ଏହି ଅବସରରେ ଦେଶର ହସ୍ତତନ୍ତ କାରିଗର ଏବଂ ସେମାନଙ୍କ ପରିବାରକୁ ସହାୟତା ଉଦ୍ଦେଶ୍ୟରେ

ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ହସ୍ତତନ୍ତ ସାମଗ୍ରୀର ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି ।

ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେଇ କହିଛନ୍ତି, ଓଡ଼ିଶାର ସାଂସ୍କୃତିକ ପରିଚୟ ସଂରକ୍ଷଣରେ ବୁଣାକାରଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ହସ୍ତତନ୍ତ କେବଳ ଏକ କପଡା ନୁହେଁ; ବରଂ ଆମ ଐତିହ୍ୟ, ମର୍ଯ୍ୟାଦା, ଦକ୍ଷତା ଏବଂ ସ୍ୱାବଲମ୍ବନର ପ୍ରତୀକ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ବିଶିଷ୍ଟ ବୁଣାକାରଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ଏବଂ ୪ ଜଣ ବୁଣାକାରଙ୍କୁ ତନ୍ତକୃତି ପୁରସ୍କାର ପ୍ରଦାନ କରାଯାଇଛି। ବରଗଡ଼ର ବିଶିଷ୍ଟ ବୁଣାକାର ଡକ୍ଟର ସୁରେନ୍ଦ୍ର ମେହେରଙ୍କୁ ଜୀବନବ୍ୟାପୀ ସାଧନାରେ ସମ୍ମାନୀତ କରାଯାଇଛି। ରାଜ୍ୟପାଳ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ବୁଣାକାର ମାନଙ୍କ ଶିଳ୍ପ ନୈପୂଣ୍ୟ, ନିଷ୍ଠା ଓ ସୃଜନଶୀଳତା ରାଜ୍ୟର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଜାତୀୟ ମଂଚରେ ଏକ ସ୍ୱତନ୍ତ୍ର ସ୍ୱିକୃତି ପ୍ରଦାନ କରିଛି।

## ମୁଖ୍ୟମନ୍ତ୍ରୀ-ଫୁଡ୍ ପ୍ରୋ.

ଓଡ଼ିଶାକୁ ଖାଦ୍ୟ ପ୍ରକ୍ରିୟାକରଣର କେନ୍ଦ୍ରସ୍ଥଳି ଭାବେ ଗଢି ତୋଳିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଓଡ଼ିଶା ଫୁଡ୍ ପ୍ରୋ. ୨୦୨୬ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର ରାଜ୍ୟ। ବର୍ତ୍ତମାନ ରାଜ୍ୟର ବିକାଶ ପାଇଁ ସରକାର ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ଲାଗି ବିବିଧୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି।

ନୀଳ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ୫୭୫ କିଲୋମିଟର ଦୀର୍ଘ ସମୁଦ୍ର ଉପକୂଳର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ରେଳବାଇ, ବନ୍ଦର ମାଧ୍ୟମରେ ରପ୍ତାନୀ ସହ ବଜାର ସୁବିଧା ସୁଦୃଢ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କୋରାପୁଟ କଫି ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ରୋଜଗାର ସୃଷ୍ଟି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଓଡ଼ିଶାରେ ନିବେଶ ପାଇଁ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ସମ୍ମିଳନୀ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକଙ୍କ ନିକଟରେ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷମତାକୁ ଉପସ୍ଥାପନ କରାଯାଉଛି। ଆସନ୍ତାକାଲି ଗ୍ରେଟର ନୋଏଡାଠାରେ

ମଧ୍ୟ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ କରାଯିବ ।

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ସ୍ଥିର, ନବସୃଜନାତ୍ମକ ଏବଂ ନିରନ୍ତର ବିକାଶ ଭିତ୍ତିକ ଶିକ୍ଷାବ୍ୟବସ୍ଥା ଗଠନ ପାଇଁ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକରେ ଶ୍ରୀ ଯୋଶୀ କହିଛନ୍ତି, ମହାମାରୀ, ଆର୍ଥିକ ଅନିଶ୍ଚିତତା, ଜଳବାୟୁ ଓ ଦ୍ରୁତ ବୈଷୟିକ ପରିବର୍ତ୍ତନ ଭଳି ଆହ୍ୱାନର ମୁକାବିଲା କରିବାକୁ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସକ୍ଷମ କରିବା ଆବଶ୍ୟକ ।

ସହଯୋଗ ଓ ସ୍ଥାୟୀ ବିକାଶ ପାଇଁ ସ୍ଥିରତା ଓ ନବସୃଜନ ପ୍ରସଙ୍ଗରେ ଆଲୋଚନା କରି ମନ୍ତ୍ରୀ କହିଛନ୍ତି, ବ୍ରିକ୍ସ ଦେଶଗୁଡ଼ିକ ପରସ୍ପର ଅନୁଭୂତି, ଜ୍ଞାନ, ସଫଳ ଅଭିଜ୍ଞତାର ଆଦାନପ୍ରଦାନ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନୂତନ ଦିଗନ୍ତ ମିଳିପାରିବ । ଭାରତ ବ୍ରିକ୍ସ ଅଧ୍ୟକ୍ଷତା ସମୟରେ ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍‌ଭାବନ, ଯୋଗ୍ୟତା ଓ ଶିକ୍ଷାଗତ ନେତୃତ୍ୱର ଆପୋଷ ମାନ୍ୟତା ସମେତ ପ୍ରମୁଖ ପ୍ରାଥମିକତା ଉପରେ ବିଚାର ବିମର୍ଶ ହେଉଛି ।

ବୈଠକରେ ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀ ଓ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି ।

## ଖରିଫ୍ ଧାନ

ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସେବା ସମବାୟ ସମିତି କିମ୍ବା ଫୁଡ୍ ଓଡ଼ିଶା ଡଟ୍ ଇନ୍’ରେ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ। ଏଥିସହ ଆଧାରକାର୍ଡ ଓ ଧାନ ଜମିର ବିବରଣୀ ଦେଇ ମଧ୍ଯ ନାମ ପଞ୍ଜୀକରଣ କରାଯାଇପାରିବ। ରାଜ୍ୟ ସରକାର ଆସନ୍ତା ନଭେମ୍ବର ପହିଲାରୁ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି।

## ସମୀକ୍ଷା

**ଭଦ୍ରକ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତୀ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଯାମିନୀ ଷଡଙ୍ଗୀ ସମୀକ୍ଷା କରିଛନ୍ତି। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ଗୁଣାତ୍ମକ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଶ୍ରୀମତୀ ଷଡଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି।

## ସାକ୍ଷରତା କାର୍ଯ୍ୟକ୍ରମ

**ଗଞ୍ଜାମ** ଜିଲ୍ଲା ସୋରଡା ସ୍ଥିତ କ୍ଷେତ୍ରୀୟ ବରପୁର ଆଂଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବର୍ଗଙ୍କ ମଧ୍ୟରେ ଭୋଟର ପଞ୍ଜୀକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାରେ ଚଳିତ ଖରିଫ୍ ଋତୁ ପାଇଁ ଜିଲ୍ଲା କୃଷି ରଣନୀତି କମିଟିର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଲାପଟପ୍ ବଣ୍ଟନ

**କେନ୍ଦୁଝର** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ୪ ଜଣ ଦୃଷ୍ଟିବାଧିତ ଉଚ୍ଚ ଶିକ୍ଷାର୍ଥୀଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏହି ଅବସରରେ ଶିକ୍ଷାର୍ଥୀଙ୍କୁ ଏହାର ସଦୁପଯୋଗ କରିବା ସହ ସଫଳତାର ସହ ଆଗକୁ ବଢିବା ପାଇଁ ପରାମର୍ଶ ଦେଇଛନ୍ତି।

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ

ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଜିଲ୍ଲା ନର୍ଲାଠାରେ ସର୍ବାଧିକ ୧୩୧ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା।